ସାବିର୍ ହୁସେନ୍ ଏବଂ ଅନ୍ୟଜଣେ

ବନାମ

ଉତ୍ତରପ୍ରଦେଶ ରାଜ୍ୟ ଏବଂ ଅନ୍ୟମାନେ

ନଭେମ୍ବର 30,1995

[କେ. ରାମସ୍ୱାମୀ ଏବଂ ଏସ୍. ବି. ମଜମୁଦାର, ନ୍ୟାୟମୂର୍ତ୍ତୀଦ୍ୱୟ]

*ମୋଟର ଯାନ ଅଧିନିୟମ, 1939: ଧାରା 68C, 68D*

*ଅନୁମୋଦିତ ଯୋଜନା-- ସେବା ସଂଖ୍ୟା ଉଲ୍ଲେଖ କରିବାରେ ଅବହେଳା--ନିର୍ଣ୍ଣୟ ହୋଇଛି, ଏହା ଯୋଜନାକୁ ଅବୈଧ କରେ ନାହିଁ।*

**ଏହି ଆବେଦନଗୁଡ଼ିକରେ ପ୍ରଶ୍ନ ଉଠୁଛି, କେତେ ସଂଖ୍ୟକ ସେବା ପ୍ରଦାନ କରାଯିବ, ତାହା ଉଲ୍ଲେଖ ନକରିବା ଦ୍ୱାରା ମୋଟର ଯାନ ଅଧିନିୟମ, 1939 ଅଧୀନରେ ପୂର୍ବରୁ ଅନୁମୋଦିତ ଯୋଜନା ଅବୈଧ ହେବ କି?**

**ଆବେଦନଗୁଡ଼ିକୁ ଖାରଜ କରି, ଏହି ନ୍ୟାୟାଳୟ ନିର୍ଣ୍ଣୟ ନେଇଛନ୍ତି ଯେ:**

**ଅନୁମୋଦିତ ଯୋଜନାରେ ସେବା ସଂଖ୍ୟା ଉଲ୍ଲେଖ କରିବାରେ ଅବହେଳା, ପୂର୍ବରୁ ଅନୁମୋଦିତ ଯୋଜନାକୁ ଅବୈଧ କରେ ନାହିଁ।**

*ରମେଶ ଚାନ୍ଦ ବନାମ ୟୁ. ପି. ରାଜ୍ୟ,* **[1980] 1 ଏସସିଆର 498**, ମାମଲା ଉପରେ ନିର୍ଭର କରାଯାଇଥିଲା ।

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 3487/1979 ଇତ୍ୟାଦି

5.10.79 ତାରିଖରେ, ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ସି.ମିସ୍କ.ଡବ୍ଲ୍ୟୁ.ପି. ସଂଖ୍ୟା 1567/1978 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି ।

ଆବେଦନକାରୀ ବ୍ୟକ୍ତିଗତ ଭାବେ (ଏନ୍/ପି)।

କେ. ଏସ୍. ଚୌହାନ ଏବଂ ଆର୍. ବି. ମିଶ୍ର ଉତ୍ତରଦାତାଙ୍କ ପାଇଁ ।

ନ୍ୟାୟାଳୟ ଦ୍ୱାରା ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଯଦିଓ ଏହି ମାମଲା ଦୁଇଥର ଆସିଛି, ଆବେଦନକାରୀମାନେ ବ୍ୟକ୍ତିଗତ ଭାବରେ ଉପସ୍ଥିତ ନଥିଲେ । ଆମେ ରାଜ୍ୟ ତରଫରୁ ହାଜର ହୋଇଥିବା ବିଦ୍ୱାନ ଓକିଲ ଶ୍ରୀ କେ. ଏସ୍. ଚୌହାନଙ୍କ ସହାୟତା ନେଇଛୁ ।

ଏହି ମାମଲାରେ ଉଠାଯାଇଥିବା ବିବାଦ *ରମେଶ ଚାନ୍ଦ ବନାମ ୟୁ. ପି. ରାଜ୍ୟ,* [1980] 1 ଏସସିଆର 498 ମାମଲାରେ ଏହି ନ୍ୟାୟାଳୟର ରାୟ ଦ୍ୱାରା ବିଚାର ହୋଇଛି ଯେଉଁଠାରେ ଏହି ନ୍ୟାୟାଳୟ ରାୟ ଦେଇଥିଲେ ଯେ "ସେବା ସଂଖ୍ୟା ଉଲ୍ଲେଖ କରିବାରେ ବିଫଳତା ଧାରା 68Cକିମ୍ବା ମୋଟର ଯାନ ଅଧିନିୟମ, 1939 ର ଧାରା 68D ଅନୁଯାୟୀ ଅନୁମୋଦିତ ଯୋଜନା ଅଧୀନରେ ଚିଠା ଯୋଜନାକୁ ଅବୈଧ କରିବ ନାହିଁ ।" ଏହି ଆବେଦନଗୁଡ଼ିକରେ ମଧ୍ୟ ସମାନ ପ୍ରଶ୍ନ

ରହିଛି । ଏହି ପରିସ୍ଥିତିରେ, ଅନୁମୋଦିତ ଯୋଜନାରେ ସେବା ସଂଖ୍ୟା ଉଲ୍ଲେଖ କରିବାର ବିଫଳତା, ପୂର୍ବରୁ ଅନୁମୋଦିତ ଯୋଜନାକୁ ଅବୈଧ କରେ ନାହିଁ।

ସେହି ଅନୁଯାୟୀ ଆବେଦନଗୁଡିକ ଖାରଜ କରାଗଲା କିନ୍ତୁ ଏହି ପରିସ୍ଥିତିରେ ଖର୍ଚ୍ଚ ବାବଦରେ କୌଣସି ଆଦେଶ ନାହିଁ।

ଟି. ଏନ୍. ଏ. ଆବେଦନଗୁଡିକୁ ଖାରଜ କରାଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

**ଶ୍ରୀ ଜଟାଧାରୀ ସେଠୀ**

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।